ଗୁଜୁରାଟ ରାଜ୍ୟ, ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଏବଂ ଅନ୍ୟମାନେ

ବନାମ

ସାର୍ତି ଦେବୀ

ନଭେମ୍ବର 27,1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

ସେବା ଆଇନ:

ସଂଶୋଧିତ ଅବସରକାଳୀନ ଭତ୍ତା ନିୟମ, 1950: ନିୟମ 3.

ଅବସରକାଳୀନ ଭତ୍ତା — ପାରିବାରିକ ଅବସରକାଳୀନ ଭତ୍ତା — ପରିବାର— ଏହାର ମା' ପରିସର— ନିର୍ଣ୍ଣୟ ହୋଇଛି, ପରିବାରରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି— ପାରିବାରିକ ଅବସରକାଳୀନ ଭତ୍ତା ପାଇବାକୁ ଯୋଗ୍ୟ ନୁହନ୍ତି— ମା' ଙ୍କୁ ଅନୁକମ୍ପା ମୂଳକ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ।

ଦେୱାନୀ କାର୍ଯ୍ୟବିଧି ସଂହିତା, 1908: ଧାରା 20

କ୍ଷେତ୍ରାଧିକାର— ପାରିବାରିକ ଅବସରକାଳୀନ ଭତ୍ତା ପାଇଁ ଦାବି— ଏକ ଅଦାଲତରେ ଆଗତ ହୋଇଥିବା ମକଦ୍ଦମା ଯେଉଁଠାରେ କାର୍ଯ୍ୟାନୁଷ୍ଠାନର କାରଣ ଉତ୍ପନ୍ନ ହୋଇନଥିଲା— ବିଚାରାଦେଶକୁ ଅବୈଧ ଘୋଷଣା କରାଯାଇଛି ।

ଉତ୍ତରଦାତାଙ୍କ ପୁଅ, ଯିଏକି ଗୁଜରାଟ ରାଜ୍ୟ ସଂରକ୍ଷିତ ପୋଲିସ ବାହିନୀରେ ଜଣେ ସିପାହୀ ଥିଲେ, ସେ ଚାକିରିରେ ଥିବା ସମୟରେ ମୃତ୍ୟୁବରଣ କରିଛନ୍ତି । ମୃତ ସିପାହୀଙ୍କ ବିଧବା ପତ୍ନୀଙ୍କୁ ପାରିବାର ଅବସରକାଳୀନ ଭତ୍ତା ମଞ୍ଜୁର କରାଯାଇଥିଲା କିନ୍ତୁ ସେ ଦ୍ୱିତୀୟ ବିବାହ କରିଥିବା କାରଣରୁ ଅବସରକାଳୀନ ଭତ୍ତା ପ୍ରଦାନ ବନ୍ଦ ହୋଇଯାଇଥିଲା । ଏହା ପରେ ମୃତ ସିପାହୀଙ୍କ ମାଆ, ଉତ୍ତରଦାତା, ହରିୟାଣାର ମୋହିନ୍ଦରଗଡ଼ର ଅତିରିକ୍ତ ବରିଷ୍ଠ ଅଧସ୍ତନ ବିଚାରପତିଙ୍କ ଅଦାଲତରେ ପାରିବାର ଅବସରକାଳୀନ ଭତ୍ତା ଦାବି କରି ଏକ ମକଦ୍ଦମା ଦାୟର କରିଥିଲେ, ଯେଉଁଥିରେ ବିଚାରାଦେଶ ପ୍ରଦାନ କରାଯାଇଥିଲା । ପ୍ରଥମ ଅପିଲିୟ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଏହି ବିଚାରାଦେଶକୁ ନିଶ୍ଚିତ କରିଥିଲେ । ଗୁଜରାଟ ରାଜ୍ୟ ଏହି ନ୍ୟାୟାଳୟରେ ଏହି ଆବେଦନ ଆଗତ କରିଛି ।

ଏହି ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ହୋଇଛି ଯେ: ଦେୱାନୀ କାର୍ଯ୍ୟବିଧି ସଂହିତା, **1908** ର ଧାରା **20** ରେ ଉଲ୍ଲେଖ କରାଯାଇଛି ଯେ, ପ୍ରତିବାଦୀ ସାଧାରଣତଃ ଯେଉଁ ଅଦାଲତର କ୍ଷେତ୍ରାଧିକାର ମଧ୍ୟରେ ବାସ କରନ୍ତି, ସେହି ଅଦାଲତରେ ହିଁ ମାମଲା ଦାୟର କରାଯିବା ଉଚିତ । ମୃତ ସିପାହୀ ଜଣକ ଗୁଜରାଟ ରାଜ୍ୟରେ ଚାକିରି କରୁଥିଲେ । ଆବେଦନକାରୀଙ୍କ କାର୍ଯ୍ୟାଳୟ ଗୁଜରାଟ ରାଜ୍ୟରେ ଅବସ୍ଥିତ ଏବଂ ବିବାଦର କୌଣସି ବି କାରଣ ହରିୟାଣାରେ ଘଟିନାହିଁ । ହରିୟାଣା ରାଜ୍ୟରେ ଅବସ୍ଥିତ ଅଦାଲତ ଗୁଡ଼ିକୁ କୌଣସି ଓକିଲ ନିଜ ଇଚ୍ଛାରେ କ୍ଷେତ୍ରାଧିକାର ପ୍ରଦାନ କରିପାରିବେ ନାହିଁ କିମ୍ବା ସମ୍ମତି ଦ୍ୱାରା କ୍ଷେତ୍ରାଧିକାର ପ୍ରଦାନ କରିପାରିବେ ନାହିଁ । ତେଣୁ, ଗୁଜରାଟ ସରକାରଙ୍କ ଦ୍ୱାରା ଅବସରକାଳୀନ ଭତ୍ତା ପ୍ରଦାନ ପାଇଁ ଦାୟର ହୋଇଥିବା ମାମଲାର ବିଚାର କରିବାକୁ ହରିଆଣାର କୌଣସି ବି ଅଦାଲତର ଆଞ୍ଚଳିକ କ୍ଷେତ୍ରାଧିକାର ନାହିଁ । ଏହି ପରିସ୍ଥିତିରେ, ବିଚାର କରୁଥିବା ଅଦାଲତଙ୍କ ବିଚାରାଦେଶ ହେଉଛି ଏକ ସମ୍ପୂର୍ଣ୍ଣ କ୍ଷେତ୍ରାଧିକାରବିହୀନ ଆଦେଶ ଅଟେ । ଏହା ଅବୈଧ ଅଟେ ।

2. ସଂଶୋଧିତ ପରିବାର ଅବସରକାଳୀନ ଭତ୍ତା ଯୋଜନାରେ ପରିବାରର ସ୍ୱଷ୍ଟ ସଂଜ୍ଞା ଅନୁଯାୟୀ, ସରକାରଙ୍କଠାରୁ କୌଣସି ପରିବାର ଅବସରକାଳୀନ ଭତ୍ତା ଦାବି କରିବା ପାଇଁ ମା'ଙ୍କୁ ପରିବାରର ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ସର୍ବାଧିକ ଦଶ ବର୍ଷର ଅବଧି ପରେ ତ ଆଦୌ ନୁହେଁ । ଏହି ପ୍ରସଙ୍ଗରେ, ଉଭୟ ପରିସ୍ଥିତିରେ, ବିଚାର କରୁଥିବା ଅଦାଲତ ଦ୍ୱାରା ପ୍ରଦାନ କରାଯାଇଥିବା ବିଚାରାଦେଶ, ଯାହାକୁ ଅପିଲିୟ ନ୍ୟାୟାଳୟରେ ଏବଂ ଦ୍ୱିତୀୟ ଆବେଦନରେ ନିଶ୍ଚିତ କରାଯାଇଛି, ତାହା ସ୍ୱଷ୍ଟ ଭାବେ ଅବୈଧ ଅଟେ । ଉତ୍ତରଦାତା-ମାଆ ଜଣେ 85 ବର୍ଷ ବୟସ୍କା ମହିଳା ଅଟନ୍ତି ।ତାଙ୍କ ମୃତ ପୁଅ ଉପରେ ନିର୍ଭରଶୀଳତା ବ୍ୟତୀତ ତାଙ୍କର ଅନ୍ୟ କୌଣସି ଉତ୍ସ ନାହିଁ । ଏହି ବିଚିତ୍ର ତଥ୍ୟକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟଙ୍କ ଆଦେଶକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା ନକରି 6,000/- ଟଙ୍କାର ଅନୁକମ୍ପା ରାଶି ଆଦେଶ ତାରିଖ ଠାରୁ ଦୁଇ ମାସ ମଧ୍ୟରେ ରାଜ୍ୟ ଦ୍ୱାରା ଉତ୍ତରଦାତାଙ୍କୁ ପ୍ରଦାନ କରାଯିବ ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 11662/1995

19.12.94 ତାରିଖରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଆର.ଏସ.ଏ. ସଂଖ୍ୟା 1660/1994 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଭି. ଦେଶାଇ ଏବଂ ସୁଶ୍ରୀ ଏଚ. ୱାହି ଆବେଦନକାରୀଙ୍କ ପାଇଁ ।

ଏସ୍. ଏସ୍. ଖଦୁଜା, ୱାଇ. ପି. ଧିଙ୍ଗରା ଏବଂ ଭି. ଏସ୍. ସତୀଜା ଉତ୍ତରଦାତାଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଉତ୍ତରଦାତାଙ୍କ ପୁଅ ଲାଲ୍ ସିଂହ, ଯିଏ କି ଚାକିରିରେ ଥିବା ସମୟରେ ମୃତ୍ୟୁବରଣ କରିଥିଲେ, ସେ 1975 ମସିହାରେ ଗୁଜରାଟ ରାଜ୍ୟ ସରଂକ୍ଷିତ ଆରକ୍ଷୀ ବାହିନୀରେ ସିପାହୀ ଭାବରେ କାର୍ଯ୍ୟ କରିଥିଲେ । 1965 ମସିହାରେ ସେ ସିପାହୀ ଭାବେ ନିଯୁକ୍ତି ପାଇଥିଲେ । ତାଙ୍କର ଦେହାନ୍ତ ପରେ, ତାଙ୍କ ବିଧବା ପତ୍ନୀ ସାବିତ୍ରୀଙ୍କୁ ପାରିବାର ଅବସରକାଳୀନ ଭତ୍ତା ମଞ୍ଜୁର କରାଯାଇଥିଲା । 1976 ମସିହାରେ ସେ ଦ୍ୱିତୀୟ ବିବାହ କରିଥିଲେ । ଫଳସ୍ୱରୂପ, ଆବେଦନକାରୀ, ବିଧବାଙ୍କୁ ଅବସରକାଳୀନ ଭତ୍ତା ଦେବା ବନ୍ଦ କରିଦେଇଥିଲେ । 1987 ମସିହାରେ, ଉତ୍ତରଦାତା ହରିୟାଣା ରାଜ୍ୟର ମୋହିନ୍ଦରଗଡ଼ର ଅତିରିକ୍ତ ବରିଷ୍ଠ ଅଧସ୍ତନ ବିଚାରପତିଙ୍କ ଅଦାଲତରେ ପାରିବାର ଅବସରକାଳୀନ ଭତ୍ତା ଦାବି କରି ମକଦ୍ଦମା ଦାୟର କରିଥିଲେ । ବିଚାର କରୁଥିବା ଅଦାଲତ ଏହି ମକଦ୍ଦମାରେ ବିଚାରାଦେଶ ପ୍ରଦାନ କାରିଥିଲେ । ଆବେଦନରେ, ଜିଲ୍ଲା ଅଦାଲତ 107 ଦିନର ବିଳମ୍ବକୁ କ୍ଷମା କରିବାକୁ ମନା କରିଦେଇଥିଲେ ଏବଂ ବିଚାର କରୁଥିବା ଅଦାଲତଙ୍କ ବିଚାରାଦେଶକୁ ନିଶ୍ଚିତ କରିଥିଲେ ଏବଂ ଯେତେବେଳେ ଦ୍ୱିତୀୟ ଆବେଦନ ଆଗତ କରାଯାଇଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟ, ଆରଏସଏ ସଂଖ୍ୟା 1660/94 କୁ 17 ଡିସେମ୍ବର,1994 ମସିହାର ଏକ ଆଦେଶ ଦ୍ୱାରା ସଦାସର୍ବଦା ଭଳି, ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ଖାରଜ କରିଦେଇଛନ୍ତି । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନକୁ ଆଗତ କରାଯାଇଛି ।

ଏହି ଆବେଦନରେ ଦୁଇଟି ପ୍ରଶ୍ନ ଉଠାଯାଇଛି । ପ୍ରଥମଟି କ୍ଷେତ୍ରାଧିକାର ସହ ଜଡ଼ିତ ଏବଂ ଦ୍ୱିତୀୟଟି ଅବସରକାଳୀନ ଭତ୍ତା ପାଇଁ ଉତ୍ତରଦାତାଙ୍କ ଅଧିକାର ସହ ଜଡ଼ିତ । ଏହା ଏକ ସ୍ୱୀକୃତ ତଥ୍ୟ ଯେ ମୃତ ଲାଲ ସିଂହ ଗୁଜରାଟ ରାଜ୍ୟରେ ଜଣେ ସିପାହୀ ଭାବେ କାର୍ଯ୍ୟ କରିଥିଲେ । ଦେୱାନୀ କାର୍ଯ୍ୟବିଧି ସଂହିତା, 1908 ର ଧାରା 20 ରେ ଉଲ୍ଲେଖ କରାଯାଇଛି ଯେ, ଉତ୍ତରଦାତା ସାଧାରଣତଃ ଯେଉଁ ଅଦାଲତର କ୍ଷେତ୍ରାଧିକାର ମଧ୍ୟରେ ବାସ କରନ୍ତି, ସେହି ଅଦାଲତରେ ହିଁ ମାମଲା ଦାୟର କରାଯିବା ଉଚିତ । ମୃତ ସିପାହୀ ଜଣକ ଗୁଜରାଟ ରାଜ୍ୟରେ ଚାକିରି କରୁଥିଲେ । ହରିୟାଣା ରାଜ୍ୟରେ ଅବସ୍ଥିତ ଅଦାଲତ

ଗୁଡ଼ିକୁ କୌଣସି ଓକିଲ ନିଜ ଇଚ୍ଛାରେ କ୍ଷେତ୍ରାଧିକାର ପ୍ରଦାନ କରିପାରିବେ ନାହିଁ କିମ୍ବା ସମ୍ମତି ଦ୍ୱାରା କ୍ଷେତ୍ରାଧିକାର ପ୍ରଦାନ କରିପାରିବେ ନାହିଁ । ତେଣୁ, ଗୁଜରାଟ ସରକାରଙ୍କ ଦ୍ୱାରା ଅବସରକାଳୀନ ଭତ୍ତା ପ୍ରଦାନ ପାଇଁ ଦାୟର ହୋଇଥିବା ମାମଲାର ବିଚାର କରିବାକୁ ହରିଆଣାର କୌଣସି ବି ଅଦାଲତର ଆଞ୍ଚଳିକ କ୍ଷେତ୍ରାଧିକାର ନାହିଁ । ଏହି ପରିସ୍ଥିତିରେ, ବିଚାର କରୁଥିବା ଅଦାଲତଙ୍କ ବିଚାରାଦେଶ ହେଉଛି ଏକ ସମ୍ପୂର୍ଣ୍ଣ କ୍ଷେତ୍ରାଧିକାରବିହୀନ ଆଦେଶ ଅଟେ । ଏହା ଅବୈଧ ଅଟେ ।

ପରବର୍ତ୍ତୀ ପ୍ରଶ୍ନ ହେଉଛି ଉତ୍ତରଦାତା ପରିବାର ଅବସରକାଳୀନ ଭତ୍ତା ପାଇବାକୁ ହକଦାର ଅଟନ୍ତି କି । ଗୁଜୁରାଟ ରାଜ୍ୟ 1972 ମସିହାରେ ସଂଶୋଧିତ ପରିବାର ଅବସରକାଳୀନ ଭତ୍ତା ଯୋଜନା ଅଧୀନରେ ପାରିବାର ଅବସରକାଳୀନ ଭତ୍ତା ପ୍ରଦାନ କରିଥିଲା ଯାହା ନିର୍ଭରଶୀଳମାନଙ୍କୁ ସର୍ବାଧିକ 10 ବର୍ଷ ପାଇଁ ଅବସରକାଳୀନ ଭତ୍ତା ପାଇବାକୁ ସକ୍ଷମ କରିଥିଲା।ଯେପରି ଆଦେଶର ମୁଖବନ୍ଧରେ ଏହାର ଉଲ୍ଲେଖ କରାଯାଇଛି:

> "ବର୍ତ୍ତମାନର ଆଦେଶ ଅନୁଯାୟୀ (ସଂଶୋଧିତ ଅବସରକାଳୀନ ଭତ୍ତା ନିୟମ 1950, ସଂଶୋଧିତ ଭାବରେ) ଜଣେ ସରକାରୀ କର୍ମଚାରୀଙ୍କୁ ପାରିବାର ଅବସରକାଳୀନ ଭତ୍ତା ର ଲାଭ ପାଇବାକୁ ଯୋଗ୍ୟ ହେବା ପାଇଁ ସର୍ବନିମ୍ନ 10 ବର୍ଷର ସେବା ସମ୍ପୂର୍ଣ୍ଣ କରିବାକୁ ପଡିବ ଏବଂ ଅବସରକାଳୀନ ଭତ୍ତାର ଅବଧି ସର୍ବାଧିକ 10 ବର୍ଷ ମଧ୍ୟରେ ସୀମିତ । ବର୍ତ୍ତମାନର ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ବୋଲି ଜଣାପଡ଼ିଛି, ତେଣୁ ଏହିପରି ସ୍ଥିତିର ସମୀକ୍ଷା କରାଯାଇଛି ଏବଂ ଏକ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି ଯାହା ବିଭିନ୍ନ ହାରରେ ମୃତ ସରକାରୀ କର୍ମଚାରୀଙ୍କ ବିଧବା ପତ୍ନୀଙ୍କୁ ବିସ୍ତୃତ ଭାବରେ ଜୀବନ ବ୍ୟାପୀ ଅବସରକାଳୀନ ଭତ୍ତା ପ୍ରଦାନ କରିଥାଏ ।
>
> ନିୟମାବଳୀର ନିୟମ 3 ରେ 'ପରିବାର' କୁ ବ୍ୟାଖ୍ୟା କରାଯାଇଛି:
>
> ଏହି ଯୋଜନା ଉଦ୍ଦେଶ୍ୟରେ "ପରିବାର" ରେ ସରକାରୀ କର୍ମଚାରୀଙ୍କ ନିମ୍ନଲିଖିତ ସମ୍ପର୍କୀୟମାନେ ସାମିଲ ହେବେ:
>
> (a) ପତ୍ନୀ, ଜଣେ ପୁରୁଷ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ;
> (b) ସ୍ୱାମୀ, ଜଣେ ମହିଳା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ;
> (c) ନାବାଳକ ପୁତ୍ର; ଏବଂ
> (d) ଅବିବାହିତ କିମ୍ବା ନାବାଳକ ଝିଅମାନେ।
>
> ଟିପ୍ପଣୀ 1-(c) ଏବଂ (d), ଅବସର/ମୃତ୍ୟୁ ପୂର୍ବରୁ ଆଇନଗତ ଭାବରେ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଥିବା ଶିଶୁମାନଙ୍କୁ ଅନ୍ତର୍ଭୁକ୍ତ କରିବ ।
>
> ଟିପ୍ପଣୀ 2-ଏହି ଯୋଜନାର ଉଦ୍ଦେଶ୍ୟ ପାଇଁ ଅବସର ପରେ ବିବାହକୁ ସ୍ୱୀକୃତି ଦିଆଯିବ ନାହିଁ ।"

ଏହାର ଏକ ପଠନ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ପରିବାର ସମ୍ପର୍କୀୟଙ୍କୁ ନେଇ ଗଠିତ, ଯଥା, ପୁରୁଷ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ମୃତ ବ୍ୟକ୍ତିଙ୍କ ବିଧବା (ଯଦି ସେ ବିବାହ କରିଥାନ୍ତି) ଏବଂ ମହିଳା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ସ୍ୱାମୀ ଏବଂ ନାବାଳକ ପୁଅ ଏବଂ ଅବିବାହିତ କିମ୍ବା ନାବାଳକ ଝିଅ । ପିଲାମାନଙ୍କ କ୍ଷେତ୍ରରେ, ଆଇନଗତ ଭାବରେ ପୋଷ୍ୟ ସନ୍ତାନ, ଅବସର/ମୃତ୍ୟୁ ପୂର୍ବରୁ ମଧ୍ୟ ପରିବାରର ସଦସ୍ୟ ହେବେ । ଯଦି ବିଧବା ପୁନର୍ବାର ବିବାହ କରନ୍ତି, ତେବେ ସେ ପରିବାରର ସଦସ୍ୟ ହେବା ଅଧିକାର ହରାଇ ଅବସରକାଳୀନ ଭତ୍ତା ପାଇବାରୁ ବଞ୍ଚିତ ହୁଅନ୍ତି । ସ୍ପଷ୍ଟତଃ, ଏହି କାରଣରୁ, ବିଧବା ସାବିତ୍ରୀ ଦେବୀଙ୍କୁ 1976 ରେ ତାଙ୍କର ପୁନର୍ବାର ବିବାହ ପରେ ଅବସରକାଳୀନ ଭତ୍ତା ଦିଆଯାଇ ନଥିଲା ।

ପ୍ରଶ୍ନ ହେଉଛି ମାଆ ଜଣେ ନିର୍ଭରଶୀଳ ଅଟନ୍ତି କି । ସଂଶୋଧିତ ପରିବାର ଅବସରକାଳୀନ ଭତ୍ତା ଯୋଜନାରେ ପରିବାରର ସ୍ପଷ୍ଟ ସଂଜ୍ଞା ଅନୁଯାୟୀ, ସରକାରଙ୍କଠାରୁ କୌଣସି ପରିବାର ଅବସରକାଳୀନ ଭତ୍ତା ଦାବି କରିବା ପାଇଁ ମା'ଙ୍କୁ ପରିବାରର ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ସର୍ବାଧିକ ଦଶ ବର୍ଷର ଅବଧି ପରେ ତ ଆଦୌ ନୁହେଁ । ଏହି ପ୍ରସଙ୍ଗରେ, ଉଭୟ ପରିସ୍ଥିତିରେ, ବିଚାର କରୁଥିବା ଅଦାଲତ ଦ୍ୱାରା ପ୍ରଦାନ କରାଯାଇଥିବା ବିଚାରାଦେଶ, ଯାହାକୁ ଅପିଲିୟ ନ୍ୟାୟାଳୟରେ ଏବଂ ଦ୍ୱିତୀୟ ଆବେଦନରେ ନିଶ୍ଚିତ କରାଯାଇଛି, ତାହା ସ୍ପଷ୍ଟ ଭାବେ ଅବୈଧ ଅଟେ ।

ମାଆ-ଉତ୍ତରଦାତା 85 ବର୍ଷ ବୟସ୍କ ମହିଳା ବୋଲି କୁହାଯାଇଛି । ତାଙ୍କ ମୃତ ପୁଅ ଉପରେ ନିର୍ଭରଶୀଳତା ବ୍ୟତୀତ ତାଙ୍କର ଅନ୍ୟ କୌଣସି ଉତ୍ସ ନାହିଁ, ତେଣୁ, ବୃଦ୍ଧ ମାଆଙ୍କ ପ୍ରତି କିଛି ଧ୍ୟାନ ଦିଆଯାଇପାରେ । ଏହି ବିଚିତ୍ର ତଥ୍ୟକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟଙ୍କ ଆଦେଶକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା ନକରି, ଆମେ ଭାବୁଛୁ ଯେ ରାଜ୍ୟ ଦ୍ୱାରା ଏକ ଅନୁକମ୍ପା ରାଶି ପ୍ରଦାନ କରାଯିବ । ତଦନୁସାରେ, ଆମେ ଆବେଦନକାରୀ-ରାଜ୍ୟକୁ, ଆବେଦନକାରୀଙ୍କୁ 6,000 ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବ ପାଇଁ ନିର୍ଦ୍ଦେଶ ଦେଉଛୁ ।

ତଦନୁସାରେ, ନିମ୍ନ ଅଦାଲତଙ୍କ ବିଚାରାଦେଶକୁ ଅଗ୍ରାହ୍ୟ କରାଗଲା । ଏହି ଆଦେଶ ପାଇବା ତାରିଖ ଠାରୁ ଦୁଇ ମାସ ମଧ୍ୟରେ ରାଜ୍ୟ ସରକାର ଅର୍ଥ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତରଦାତାଙ୍କ ବିଦ୍ୱାନ ଓକିଲ, ସରକାରୀ ଓକିଲଙ୍କୁ ଉତ୍ତରଦାତାଙ୍କ ଠିକଣା ପ୍ରଦାନ କରିବେ ଯାହା ଆବେଦନକାରୀଙ୍କୁ ସୂଚିତ କରାଯିବ ଏବଂ ଦର୍ଶାଯାଇଥିବା ଠିକଣାରେ ଉକ୍ତ ରାଶିକୁ ପଠାଯିବ । ଆବେଦନର ଫଏସଲା କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଟି. ଏନ୍. ଏ. ଆବେଦନର ଫଏସଲା କରାଗଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।